# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 16 MAY– 2026

---

## ଚଳଚ୍ଚିତ୍ର-ମୁଖ୍ୟମନ୍ତ୍ରୀ

ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ପୁନରୁଦ୍ଧାର ଓ ଉନ୍ନତି ପାଇଁ ରାଜ୍ୟ ସରକାର ନୂତନ ଚଳଚ୍ଚିତ୍ର ନୀତି ପ୍ରଣୟନ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଗତକାଲି ଭୁବନେଶ୍ୱର ସଂସ୍କୃତି ଭବନରେ ଆୟୋଜିତ ଆଲୋଚନାଚକ୍ରରେ ଚଳଚ୍ଚିତ୍ର ଜଗତର କଳାକାର ଓ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଆଲୋଚନା କରି  ମୁଖ୍ୟମନ୍ତ୍ରୀ ଓଡ଼ିଆ ସିନେମା ରାଜ୍ୟର ଅସ୍ମିତା, ସଂସ୍କୃତି ଓ ଜୀବନଶୈଳୀର ପ୍ରତିଛବି ବୋଲି କହିଛନ୍ତି । ରାଜ୍ୟରେ ଏକ ଚଳଚ୍ଚିତ୍ର ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନ ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

---

## ପେଟ୍ରୋଲ୍-ଡିଜେଲ୍

ରାଜ୍ୟରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପର୍ଯ୍ୟାପ୍ତ ପରିମାଣର ମହଜୁଦ ଥିବା ତୈଳ ବିପଣନ କମ୍ପାନୀମାନେ ସ୍ପଷ୍ଟ କରିଛନ୍ତି। ଇନ୍ଧନ ଯୋଗାଣ ସ୍ଥିତି ସ୍ୱାଭାବିକ ଓ ସ୍ଥିର ରହିଛି।  ଗ୍ରାହକମାନଙ୍କୁ ସିଧାସଳଖ କମ୍ପାନୀଠାରୁ ତୈଳ କ୍ରୟ କରିବାକୁ ପରାମର୍ଶ ଦିଆଯାଇଛି। ଲୋକମାନଙ୍କୁ ଆତଙ୍କିତ ହୋଇ ଅତ୍ୟଧିକ ତେଲ କ୍ରୟ ନ କରିବାକୁ ତୈଳ କମ୍ପାନୀଗୁଡ଼ିକ ଅନୁରୋଧ କରିଛନ୍ତି ।

କଳାହାଣ୍ଡି ଜିଲ୍ଲାରେ ତୈଳ ଓ ରନ୍ଧନ ଗ୍ୟାସ ଯୋଗାଣ ନେଇ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ସିଲିଣ୍ଡର ମହଜୁଦ ଥିବା ସୂଚନା ମିଳିଛି ।

# ଶିକ୍ଷାମନ୍ତ୍ରୀ-ପୁରୀ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତକାଲି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି । ସେ ବିଶ୍ୱଶାନ୍ତି, ଦେଶର ଉନ୍ନତି ଓ ସମଗ୍ର ଜଗତର କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦେଶବାସୀଙ୍କୁ ପେଟ୍ରୋଲିୟମ ସାମଗ୍ରୀର ସନ୍ତୁଳିତ ବ୍ୟବହାର କରି ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି ।

# ପରିବହନ -ବୈଠକ

ସାଧାରଣ ପରିବହନ ସେବାର ସୁପରିଚାଳନା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟରେ ପରିବହନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ବସ୍ ଓ ଟ୍ରକ୍ ମାଲିକ ସଂଘ ସହ ତୈଳ କମ୍ପାନୀ ପ୍ରତିନିଧିମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରତ୍ୟେକ ଜିଲ୍ଲାରେ ବସ୍ ଓ ଟ୍ରକ୍ ପାଇଁ ସ୍ୱତନ୍ତ୍ର ପେଟ୍ରୋଲ ପମ୍ପ ସଂରକ୍ଷିତ ରଖିବା, ନିର୍ଦ୍ଦିଷ୍ଟ ଆଉଟ୍‌ଲେଟ୍‌ରେ ପର୍ଯ୍ୟାପ୍ତ ଇନ୍ଧନ ମହଜୁଦ ରଖିବା ଏବଂ ଜାତୀୟ ରାଜପଥ କଡ଼ରେ ଚିହ୍ନିତ ପମ୍ପ ମାଧ୍ୟମରେ ଯୋଗାଣ ସୁନିଶ୍ଚିତ କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି ।

## ସୂଚନାସେବା ଅଧିକାରୀ-ବୈଠକ

ଭାରତୀୟ ଜନସଞ୍ଚାର ସଂସ୍ଥାନର କୁଳପତି ଡକ୍ଟର ପ୍ରଜ୍ଞା ପାଲିଓ୍ୱାଲ୍ ଗୌର ଓଡ଼ିଶା ସୂଚନା ସେବାର ନବନିଯୁକ୍ତ ଅଧିକାରୀମାନଙ୍କୁ ସରକାରୀ ପଦକ୍ଷେପ ଲୋକଙ୍କ ପାଖରେ ପହଞ୍ଚାଇବାରେ ସଚ୍ଚୋଟତା, ସମ୍ବେଦନଶୀଳତା ଓ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ଆଇଆଇଏମସି ଢେଙ୍କାନାଳରେ ଓଡ଼ିଶା ସୂଚନା ସେବା ଅଧିକାରୀମାନଙ୍କ  ଦଶଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଅଧିବେଶନରେ ଡକ୍ଟର ଗୌର କହିଛନ୍ତି, ତୃଣମୂଳ ସ୍ତରରେ ଗଣତାନ୍ତ୍ରିକ ଯୋଗାଯୋଗ ଓ ସୁଶାସନ ସୁଦୃଢ଼ କରିବାରେ ସୂଚନା ଅଧିକାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

## ଡେଙ୍ଗୁ ଦିବସ

ଡେଙ୍ଗୁ ରୋଗର କାରଣ ଏବଂ ନିରାକରଣ ସଂପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ଜାତୀୟ ଡେଙ୍ଗୁ ଦିବସ ପାଳନ କରାଯାଉଛି । ପରିବେଶକୁ ପରିଷ୍କାର ରଖିବା ଏବଂ ନିୟମିତା ମଶାରୀ ବ୍ୟବହାର କରିବା ଦ୍ୱାରା ଏହି ମଶା ବାହିତ ଭୂତାଣୁ ଜନିତ ରୋଗକୁ ପ୍ରତିହତ କରାଯାଇ ପାରିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡେଙ୍ଗୁରୋଗର ପରୀକ୍ଷା ଏବଂ ଚିକିତ୍ସା ସଂପୂର୍ଣ୍ଣ ମାଗଣାରେ କରାଯାଉଛି ।

ଏହି ଦିବସର ବାର୍ତ୍ତା ରହିଛି "ଏକାଠି ହୋଇ କାମ କରିବା, ଡେଙ୍ଗୁ ଦୂର କରିବା ।"

## ସାବିତ୍ରୀ ବ୍ରତ

ଜ୍ୟେଷ୍ଠ ମାସ ଅମାବାସ୍ୟ ତିଥିରେ ଆଜି ରାଜ୍ୟରେ ସାବିତ୍ରୀ ବ୍ରତ ପାଳନ କରାଯାଉଛି । ଆଜିର ଦିନରେ ବିବାହିତା ନାରୀମାନେ ଦେବୀ ସାବିତ୍ରୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ବ୍ରତଚାରିଣୀମାନେ ବଟବୃକ୍ଷ ମୂଳେ ସତ୍ୟବାନଙ୍କୁ ପୂଜା କରିଥାନ୍ତି। ପୌରାଣିକ ତଥ୍ୟ ଅନୁସାରେ ସାବିତ୍ରୀ ପତିବ୍ରତା ଧର୍ମ ପାଳନ କରି ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଯମରାଜଙ୍କଠାରୁ ଫେରାଇ ଆଣିଥିଲେ।

## ଜନଶୁଣାଣି ବନ୍ଦ

ଗ୍ରୀଷ୍ମ ପ୍ରବାହ ଯୋଗୁଁ ଆସନ୍ତା ୧୮ ଓ ୨୫ ତାରିଖ ସୋମବାରରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ସଂପର୍କରେ ଜନସାଧାରଣଙ୍କୁ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ସାଂସଦ-ସମୀକ୍ଷା ବୈଠକ

ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନାର ଅଗ୍ରଗତି ସମୀକ୍ଷା କରାଯାଇଛି। ପ୍ରତ୍ୟେକ ବ୍ଲକ୍ ଓ ଗ୍ରାମାଞ୍ଚଳରେ ପାଠାଗାର ସ୍ଥାପନ ସହ

ଅମୃତ ସରୋବର ଯୋଜନାରେ ପାଞ୍ଚଟି ଆଦର୍ଶ ପୁଷ୍କରିଣୀ ବିକାଶ ପାଇଁ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ସହ ଜନପ୍ରତିନିଧି ଓ ପ୍ରଶାସନଙ୍କ ସମନ୍ୱୟରେ କାମ କରିବାକୁ ସାଂସଦ କହିଛନ୍ତି ।

## ଗଣଶିକ୍ଷାମନ୍ତ୍ରୀଙ୍କ ଗସ୍ତ

ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଦିନିକିଆ ରାୟଗଡ଼ା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଛନ୍ତି ।ବୈଠକରେ ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଗ୍ରାମ ଉନ୍ନୟନ ସଂପର୍କିତ ଯୋଜନାଗୁଡ଼ିକର ଅଗ୍ରଗତି ସଂପର୍କରେ ବିସ୍ତୃତ ଆଲୋଚନାହୋଇଥିବା ଜଣାପଡ଼ିଛି ।

## ଆଇନସେବା

ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଋଷି ଲଛମନ ଶିଶୁ ଆଶ୍ରମରେ କଠିନ ବର୍ଜ୍ୟ ବସ୍ତୁର ପୁନଃବ୍ୟବହାର ଏବଂ ନାଲସାର ଦେୟମୁକ୍ତ ହେଲ୍ପଲାଇନ୍ ୧୫୧୦୦ର ସଠିକ ବ୍ୟବହାର ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଯୋଗଦେଇ ଶିଶୁ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିଥିଲେ।

# ମଣ୍ଡେଇ ଯାତ୍ରା

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ଶରଧାପୁର ଗ୍ରାମରେ ମା ଠାକୁରାଣୀଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଛି ।

ପାନାବେଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମର ଦେବଦେବୀମାନଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ, ବିଭିନ୍ନ ଦେବୀଦେବତାଙ୍କ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ମା ଠାକୁରାଣୀଙ୍କ ପୀଠରେ ସମାବେଶ ହୋଇଥିଲା ।

# ସ୍ୱାସ୍ଥ୍ୟ ଶିବିର

ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ସ୍ୱାସ୍ଥ୍ୟ ଓ ସମାଜ କଲ୍ୟାଣ ବିଭାଗର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ ପାଇଁ ପ୍ରସବ ପୂର୍ବ ଓ ପରବର୍ତ୍ତୀ ସ୍ୱାସ୍ଥ୍ୟ ଯାଞ୍ଚ, ନିୟମିତ ଟିକାକରଣ, କୁପୋଷଣ ନିବାରଣ, ପରିବାର ନିୟୋଜନ, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି । ଅନ୍ୟପକ୍ଷରେ ଜିଲ୍ଲାର ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବେଲଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି ।

# ରେଳସେବା ପୁରସ୍କାର

ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ ରେଡଙ୍ଗ କଲୋନୀସ୍ଥିତ ରେଳବାଇ କଲ୍ୟାଣ ମଣ୍ଡପରେ ୭୦ତମ ରେଳ ସେବା ପୁରସ୍କାର

ଉତ୍ସବରେ ୬୦ ଜଣ କର୍ମଚାରୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ସମ୍ମାନିତ କରାଯାଇଛି । ଖୋର୍ଦ୍ଧା ରୋଡ଼ ମଣ୍ଡଳ ବିଶିଷ୍ଟ ରେଳ ସେବା ପୁରସ୍କାରରେ ୪ଟି ଦକ୍ଷତା ସିଲ୍ଡ ହାସଲ କରିଛି ।

## ବନ୍ୟା ପ୍ରସ୍ତୁତିବୈଠକ

ମୌସୁମୀ ଋତୁରେ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବନ୍ୟାପ୍ରବଣ ଅଞ୍ଚଳରେ ପୂର୍ବ ପ୍ରସ୍ତୁତି, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଜଣ୍ଡିସ୍ ପ୍ରଭାବିତ ଗ୍ରାମରେ ସ୍ୱାସ୍ଥ୍ୟ ସୁରକ୍ଷା ଓ ବିପର୍ଯ୍ୟୟ ସମୟରେ ଜରୁରୀ ସେବା ସୁନିଶ୍ଚିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗମନ ପାଇଁ ସ୍ଥିତି ଅନୁକୂଳ ହେଉଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୨୬ ତାରିଖ ସୁଦ୍ଧା ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ କେରଳମ୍‌ରେ ପହଞ୍ଚିବାର ସମ୍ଭାବନା ରହିଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପାଇଁ ବଙ୍ଗୋପସାଗର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର କେତେକ ଅଞ୍ଚଳରେ ପରିସ୍ଥିତି ଅନୁକୂଳ ରହିଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।